# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**20 August - 2024**

**News Editor : *Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଆଜି ସଦସ୍ୟମାନେ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ଓ ଦାବି ସମ୍ପର୍କରେ ବାଚସ୍ପତିଙ୍କ କଲେ ଦୃଷ୍ଟି ଆକର୍ଷଣ
- ଝାରସୁଗୁଡ଼ାସ୍ଥିତ ବୀରସୁରେନ୍ଦ୍ର ସାଏ ବିମାନବନ୍ଦରର ଉନ୍ନତି ପାଇଁ ଷ୍ଟାମ୍ପ ଓ ପଞ୍ଜୀକରଣ ଦେୟ ଛାଡ କରିବା ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତି
- ଭଦ୍ରକ-ବାଲେଶ୍ୱର-ଖଡଗପୁର ରେଳ ସେକ୍ସନ୍‌ରେ ନିରାପତ୍ତା ବାଡ ପ୍ରକଳ୍ପ ପାଇଁ ୨୦୨ କୋଟି ଟଙ୍କା ମଞ୍ଜୁର
- ମୟୂରଭଞ୍ଜର ମମତା ମହାନ୍ତଙ୍କୁ ରାଜ୍ୟସଭା ପ୍ରାର୍ଥୀ କଲା ବିଜେପି

ଏବଂ

- ପୁରୀ ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାରରେ ଖାଲି ଆଲମିରା ଏବଂ ସିନ୍ଦୁକଗୁଡ଼ିକୁ ଆସନ୍ତା ଶୁକ୍ରବାର କରାଯିବ ସ୍ଥାନାନ୍ତର

## ବିଧାନସଭା ବଜେଟ୍ ଅଧିବେଶନ

ସପ୍ତଦଶ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ଓ ଦାବି ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବାଚସ୍ପତିଙ୍କ ଅନୁମତିକ୍ରମେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଗୃହ ବିଭାଗ ସମ୍ପର୍କିତ ଦୁଇଟି ନଥି ଉପସ୍ଥାପନ କରିଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ସମ୍ପର୍କିତ ନଥି ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ମଧ୍ୟ ଗୃହରେ ଉପସ୍ଥାପନ କରାଯାଇଥିଲା।  ଏହାପରେ ବାଚସ୍ପତି ଗୃହକୁ ଆଜିପାଇଁ ମୁଲତବୀ ଘୋଷଣା କରିଛନ୍ତି।

ସୂଚନା ଅନୁସାରେ, ଆଜି ଗୃହ ଆରମ୍ଭ ହେବା ମାତ୍ରକେ ଛାତ୍ରସଂସଦ ନିର୍ବାଚନ ଦାବି କରି କଂଗ୍ରେସ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ସେହିପରି ବିଜେଡି ସଦସ୍ୟମାନେ ଜଣେ କାର୍ଯ୍ୟରତ ଏଏସ୍‌ଓଙ୍କୁ ଆକ୍ରମଣ ଘଟଣାର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପ୍ରଶ୍ନ କରି ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ।

## ବିମାନବନ୍ଦର ଉନ୍ନତି

ରାଜ୍ୟର ଦ୍ୱିତୀୟ ବ୍ୟବସାୟିକ ବନ୍ଦର ଝାରସୁଗୁଡ଼ାସ୍ଥିତ ବୀରସୁରେନ୍ଦ୍ର ସାଏ ବିମାନ ବନ୍ଦରର ଉନ୍ନତି ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବିମାନ ବନ୍ଦରର ଉନ୍ନତି ପାଇଁ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ସପକ୍ଷରେ ଲିଜ୍ ଡିଡ୍ କରିବା ପାଇଁ ଷ୍ଟାମ୍ପ ଦେୟ ବାବଦକୁ ୩ କୋଟି ୩୭ ଲକ୍ଷ ୧୧ ହଜାର ୫୯୬ ଟଙ୍କା ଏବଂ ପଞ୍ଜୀକରଣ ଦେୟ ବାବଦରେ ୧ କୋଟି ୩୪ ଲକ୍ଷ ୮୪ ହଜାର ୬୩୮ ଟଙ୍କା ଛାଡ଼ କରିବା ପ୍ରସ୍ତାବକୁ ରାଜ୍ୟ ମନ୍ତ୍ରୀମଣ୍ଡଳ ଅନୁମୋଦନ ଦେଇଛି । ଗତ ୭ ତାରିଖରେ ଅନୁଷ୍ଠିତ ମନ୍ତ୍ରୀମଣ୍ଡଳ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ନେଇ ଆଜି ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି ।

ସେହିପରି ମନ୍ତ୍ରିମଣ୍ଡଳରେ ନିଆଯାଇଥିବା ଅନ୍ୟ ନିଷ୍ପତ୍ତି ଅନୁଯାୟୀ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ତାଲିମ ଓ ଗବେଷଣା ପ୍ରତିଷ୍ଠାନ ଅଧିନରେ ଥିବା ବଲାଙ୍ଗିରର ମିଳିତ ଆଞ୍ଚଳିକ କେନ୍ଦ୍ରର କଳେବର ବୃଦ୍ଧି କରାଯିବ ।

ଏଥିପାଇଁ ରାଜ୍ୟ ସରକାର ୧.୭୧ ଏକର ସରକାରୀ ଜମିକୁ ବିନା ପ୍ରିମିୟମ ଏବଂ ବାର୍ଷିକ ଭୂ-ରାଜସ୍ୱ ବାବଦକୁ ଏକର ପ୍ରତି ୧୦୦ ଟଙ୍କା ଏବଂ ବାର୍ଷିକ ସେସ୍ ବାବଦକୁ ଭୂ-ରାଜସ୍ୱର ଶତକଡ଼ା ୭୫ ଭାଗ ଦେୟ ହିସାବରେ ଲିଜ୍ ସୂତ୍ରରେ ପ୍ରଦାନ କରିବେ । ଏଥିପାଇଁ ୧ କୋଟି ୧୦ ଲକ୍ଷ ୭୫ ହଜାର ୨୧୩ ଟଙ୍କା ଛାଡ଼ କରିବାରୁ ରାଜ୍ୟ ମନ୍ତ୍ରୀମଣ୍ଡଳ ଅନୁମୋଦନ

ଦେଇଛି। ସେହିପରି କେବଳ ବାୟୋ-ଡିଜେଲ ଉତ୍ପାଦନ ପାଇଁ ରାଜ୍ୟ ସରକାର ମିଥାନଲକୁ ଓଡ଼ିଶା ଅବକାରୀ ଆଇନ ୨୦୦୮ ପରିସରରୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

## ରେଳ ନିରାପତ୍ତା

ଭାରତୀୟ ରେଳବାଇ ଭଦ୍ରକ-ବାଲେଶ୍ୱର-ଖଡ଼ଗପୁର ରେଳ ସେକ୍ସନରେ ନିରାପତ୍ତା ବାଡ (ଫେନସିଂ) ପ୍ରକଳ୍ପ ପାଇଁ ୨୦୨ କୋଟି ୧୨ ଲକ୍ଷ ଟଙ୍କା ମଞ୍ଜୁର କରିଛି। ସମ୍ବେଦନଶୀଳ ରେଳ ଧାରଣା ପାଖରେ ଏହି କାର୍ଯ୍ୟ କରାଯିବ। ମେଟାଲ୍ ବିମ୍ କ୍ରାସ୍ ବ୍ୟାରିୟର ଏବଂ ଫିକ୍ସଡ୍ ନଟ୍ ଫେନ୍ସିଂ ବ୍ୟାରିୟର ଏହି ସମ୍ବେଦନଶୀଳ କ୍ଷେତ୍ରମାନଙ୍କରେ ନିର୍ମାଣ କରାଯିବ। ଏହି ନିରାପତ୍ତା ବାଡ଼ କେବଳ ସୁରକ୍ଷିତ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରିବ ନାହିଁ ବରଂ ରେଳ ଧାରଣାକୁ ଅନଧିକୃତ ପ୍ରବେଶ, ଗୋରୁ କିମ୍ବା ଗୃହପାଳିତ ପଶୁ ଚରାଇବା ଏବଂ ରେଳ ଲାଇନ ନିକଟରେ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ପ୍ରତିବନ୍ଧକ ଲଗାଇବ ବୋଲି ଜଣାପଡିଛି।

## ଗଭ୍ ହସ୍ପିଟାଲ ଲେଟର

ଦେଶର ସମସ୍ତ କେନ୍ଦ୍ରୀୟ ହସ୍ପିଟାଲଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ୨୫ ପ୍ରତିଶତ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଆବଶ୍ୟକସ୍ଥଳେ ଅଧିକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ

ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ନିକଟକୁ ଏ ନେଇ ପତ୍ର ଲେଖାଯାଇଛି । କୋଲକାତା ଡାକ୍ତରୀ ଛାତ୍ରୀ ଦୁଷ୍କର୍ମ ଏବଂ ହତ୍ୟା ଘଟଣା ପରିପ୍ରେକ୍ଷୀରେ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡିଛି। ସେହିଭଳି ହସ୍‌ପିଟାଲଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ସିସିଟିଭି କ୍ୟାମେରା ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି ।

## ଆଳୁ ସଂକଟ

ରାଜ୍ୟରେ ଆଳୁ ସ୍ଥିତି ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି ରାଜ୍ୟରେ ଆଳୁ ଅଭାବ ନାହିଁ। କୃତ୍ରିମ ଅଭାବ ସୃଷ୍ଟି କରି ଦର ବୃଦ୍ଧି କରାଯାଉଛି। କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଗାମୀ ୫ ଦିନ ଭିତରେ ଉତ୍ତରପ୍ରଦେଶରୁ ଦୁଇଟି ଟ୍ରେନ୍‌ରେ ୪୮ ହଜାର କୁଇଂଟାଲ ଆଳୁ ଆସି ପହଂଚିବ ବୋଲି ମନ୍ତ୍ରୀ କହିଛନ୍ତି।

## ରାଜ୍ୟସଭା ପ୍ରାର୍ଥୀ

ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଭିନ୍ନ ରାଜ୍ୟ ପାଇଁ ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରାଯାଇଛି। ଓଡ଼ିଶାରୁ ବିଜେପି ମୟୂରଭଞ୍ଜର ମମତା ମହାନ୍ତଙ୍କୁ ପ୍ରାର୍ଥୀ କରିଛି। ସୂଚନା ଅନୁସାରେ, ପୂର୍ବରୁ ଶ୍ରୀମତୀ ମହାନ୍ତ ବିଜେଡି ପକ୍ଷରୁ ରାଜ୍ୟସଭାର ସଦସ୍ୟ ଥିଲେ। ତେବେ ସେ ରାଜ୍ୟସଭା ସଦସ୍ୟ ପଦ ସହ ଦଳରୁ ଇସ୍ତଫା ଦେଇଥିଲେ।

## ରତ୍ନଭଣ୍ଡାର

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନୂତନ ମାର୍ଗଦର୍ଶିକା ଅନୁସାରେ, ଆସନ୍ତା ଶୁକ୍ରବାର ଦିନ ପୁରୀ ଶ୍ରୀମନ୍ଦିର ବାହାର ଏବଂ ଭିତର ରତ୍ନଭଣ୍ଡାରରେ ଥିବା ଖାଲି ଆଲମିରା ଏବଂ ସିନ୍ଦୁକଗୁଡ଼ିକୁ ସ୍ଥାନାନ୍ତର କରାଯିବ। ମାର୍ଗଦର୍ଶିକା ଅନୁସାରେ, ଏଗୁଡ଼ିକୁ ଶ୍ରୀମନ୍ଦିର ପରିସରରେ ଥିବା ନୀଳାଦ୍ରି ବିହାର ମ୍ୟୁଜିୟମ୍ ନିକଟସ୍ଥ ଏକ ଘରେ ସୁରକ୍ଷିତ କରି ରଖାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଆଲମିରା ଓ ସିନ୍ଦୁକ ସ୍ଥାନାନ୍ତର ଦିନ ଶ୍ରୀଜୀଉଙ୍କ ନୀତିକାନ୍ତି ବା ସେବା ପୂଜା ଯେପରି ବ୍ୟାହତ ନ ହୁଏ, ସେଥିପାଇଁ ବିଶେଷ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି।  ଏହି ଅନୁସାରେ, ଶୁକ୍ରବାର ଅପରାହ୍ଣ ଗୋଟାଏରୁ ସ୍ଥାନାନ୍ତରଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ। ଭକ୍ତମାନେ ସିଂହଦ୍ୱାର ପଟେ ୨୨ ପାହାଚ ଦେଇ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ କିଣିପାରିବେ ଏବଂ ଉତ୍ତର ଦ୍ୱାର ଦେଇ ବାହାରକୁ ଯିବେ।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୪ ଓ ୧୮ ତାରିଖରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର କଢ଼ାଯାଇ ଅସ୍ଥାୟୀ ଘରେ ରଖାଯାଇଛି।

## ବନକଲାଗି ନୀତି

ଭାଦ୍ରବ କୃଷ୍ଣ ତୃତୀୟା ତିଥି ଅବସରରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆସନ୍ତାକାଲି ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପାଖାପାଖି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି

ନୀତି ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବନକଲାଗି ପରେ ଶ୍ରୀଜୀଉଙ୍କର ମହାସ୍ନାନ ନୀତି ଅନୁଷ୍ଠିତ ହେବ। ଏହାପରେ ସର୍ବସାଧାରଣ ଦର୍ଶନ ହେବ ବୋଲି ଜଣାପଡିଛି।

## ସ୍ନାତକୋତ୍ତର-ମେଧା ତାଲିକା

ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ଲାଗି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଆଜି ପ୍ରକାଶ ପାଇଛି। ତାଲିକାଭୁକ୍ତ ଛାତ୍ରଛାତ୍ରୀ ଆସନ୍ତାକାଲିଠାରୁ ୨୪ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ। ଚଳିତମାସ ୩୧ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଏବଂ ସେପ୍ଟେମ୍ବର ୧୦ ତାରିଖ ଦିନ ତୃତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ। ସେପ୍ଟେମ୍ବର ୧୮ ତାରିଖରୁ ସ୍ନାତ୍ତକୋତ୍ତର ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡିଛି।

## ହକି ଦଳକୁ ସ୍ୱାଗତ

ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରି ସ୍ୱଦେଶ ଫେରିଥିବା ଭାରତୀୟ ପୁରୁଷ ହକି ଦଳକୁ ଆସନ୍ତାକାଲି ଓଡ଼ିଶାରେ ସ୍ୱାଗତ କରାଯିବ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଆସନ୍ତାକାଲି ଦିନ ସାଢ଼େ ୧୨ଟାରେ ଭାରତୀୟ ହକି ଦଳର ଖେଳାଳିମାନେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରେ ଖେଳାଳିମାନଙ୍କୁ

ରାଜ୍ୟ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ କଳିଙ୍ଗ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ଅଣାଯିବ। ଆଗାମୀ ଦିନରେ କିଭଳି ଭାବେ ଅଧିକରୁ ଅଧିକ ଓଡ଼ିଆ ଖେଳାଳି ଅଲିମ୍ପିକ୍ସରେ ଯୋଗଦେବେ ସେ ନେଇ ରାଜ୍ୟ ସରକାର ଭିତ୍ତିଭୂମି ପ୍ରସ୍ତୁତ କରୁଛନ୍ତି ବୋଲି ସେ କହିଛନ୍ତି।

## ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। **କଳାହାଣ୍ଡି** ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ପଂଚାୟତ ସମିତି ସମ୍ମିଳନୀ ଗୃହରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୬୪ଟି ଆବେଦନ ପଞ୍ଜୀକୃତ ହୋଇଥିଲା। ଏଥିରେ ୧୦ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ସେହିଭଳି **ବୌଦ୍ଧ** ବ୍ଲକ୍ କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି ଶିବିରରେ ୩୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

**ଦେବଗଡ** ଜିଲ୍ଲା ବାରକୋଟ ବ୍ଲକ ଉଆଁରା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ୩୦ଟି ଅଭିଯୋଗର ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଝାଡାବାନ୍ତି

**କେନ୍ଦ୍ରାପଡ଼ା** ଜିଲ୍ଲାରେ ଝାଡାବାନ୍ତି ପ୍ରକୋପ ବୃଦ୍ଧି ପାଇଛି । ଗତ ୨ ସପ୍ତାହ ମଧ୍ୟରେ ଶତାଧିକ ରୋଗ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ରାଜନଗର ବ୍ଲକ୍ ଅନ୍ତର୍ଗତ ପୋଖରିଆ ଗ୍ରାମରେ ୩ ଜଣ ଝାଡାବାନ୍ତିରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି । ଖବର ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏକ ଡାକ୍ତରୀ ଦଳ ଝାଡାବାନ୍ତି ପ୍ରଭାବିତ ଗ୍ରାମକୁ ଯାଇ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି ।

## ନୂଆଖାଇ ଭେଟ୍‌ଘାଟ

**ବୌଦ୍ଧ** ଜିଲ୍ଲାରେ ଆସନ୍ତା ୮ ତାରିଖରୁ ୨ଦିନିଆ ନୂଆଖାଇ ଭେଟଘାଟ ଉତ୍ସବ ପାଳନ କରାଯିବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଉତ୍ସବରେ ମଂଚ ପ୍ରସ୍ତୁତି ଓ ପାରମ୍ପରିକ ବେଶପୋଷାକ ଉପରେ ଗୁରୁତ୍ୱ ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା ।

# ପାଣିପାଗ

ଦକ୍ଷିଣ ବାଂଲାଦେଶ ଏବଂ ତତ୍‌ସଂଲଗ୍ନ ଅଞ୍ଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା

ହୋଇଯାଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡଘଡି ସହ ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦବଗଡ଼ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

## ବିଶ୍ୱ ମଶା ଦିବସ

ମଶା କାମୁଡାଜନିତ ପରିସ୍ଥିତି ଏବଂ ଏ ସଂକ୍ରାନ୍ତ ରୋଗ ସଂକ୍ରମଣକୁ ପ୍ରତିରୋଧ କରିବା ନେଇ ଲୋକଙ୍କୁ ସଚେତନ କରାଇବା ପାଇଁ ଆଜିର ଦିନକୁ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଉଛି । ବୈଜ୍ଞାନିକ ସାର୍ ରୋନାଲ୍ଡ ରସ୍ ୧୮୯୭ ମସିହା ଆଜିର ଦିନରେ ତାଙ୍କର ଆବିଷ୍କାର ଦ୍ୱାରା ବିଶ୍ୱବାସୀଙ୍କୁ ଜଣାଇଥିଲେ, ମାଈ ଏନୋଫିଲିସ୍ ମଶା କାମୁଡିଲେ ମେଲେରିଆ ରୋଗ ହୋଇଥାଏ । ତାଙ୍କର ଏହି ଅବଦାନକୁ ମନେପକାଇବା ପାଇଁ ୨୦ ଅଗଷ୍ଟକୁ ପ୍ରତିବର୍ଷ ବିଶ୍ୱ ମଶା ଦିବସ ଭାବେ ପାଳନ କରାଯାଉଛି । ରୋନାଲ୍ଡ ରସ୍ଙ୍କର ଏହି ଆବିଷ୍କାର ପାଇଁ ତାଙ୍କୁ ୧୯୦୨ ମସିହାରେ ସମ୍ମାନଜନକ ନୋବେଲ ପୁରସ୍କାର ମିଳିଥିଲା । ଆସନ୍ତା ୨୦୩୦ ମସିହା ଶେଷ ସୁଦ୍ଧା ଓଡ଼ିଶାକୁ ମ୍ୟାଲେରିଆ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ।

*******************************